# Akashvani, Sambalpur

## SAMBALPURI NEWS BULLETIN

### 16 December 2024- 6.47- 6.52 am.

*********************************************

ମୁଖ୍ୟ ଶାସନ୍ ସଚିବ ସମ୍ମିଳନୀ     ଆର୍‌ଏନ୍‌ୟୁ /ସମ୍ବଲପୁର

ନୂଆଦିଲ୍ଲୀ ଠାନେ ହେଇଥିବା ୪ ନମ୍ବର୍ ମୁଖ୍ୟ ଶାସନ୍ ସଚିବ ମାନ୍‌କର୍ ସମ୍ମିଳନୀ ଗଲାକାଏଲ୍ ଉଦ୍‌ଯାପିତ୍ ହେଇଛେ । ୩ ଦିନିଆ ସମ୍ମିଳନୀର୍ ଉଦ୍‌ଯାପନୀ ଉତ୍ସବ୍‌ଥି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଯୋଗ୍ ଦେଇକରି କହିଛନ୍ ଯେ, ବିକଶିତ୍ ଭାରତ୍ ଲାଗି ଆଏଜ୍ ଇ ଟିମ୍ ଇଣ୍ଡିଆ ଏକ୍‌ଜୁଟ୍ ହେଇକରି ଆଲୋଚନା କରିଛେ । ବିକଶିତ୍ ଭାରତ୍ ଲକ୍ଷ୍ୟ ହାସଲ୍ ଲାଗି 'ପ୍ରୋ ପିପୁଲ୍ ଆର୍ ପ୍ରୋ ଏକ୍ଟିଭ୍ ଗଭର୍ଣ୍ଣେନ୍ସ' ମୁଲ୍ ଜିନିଷ୍ ବଲି ପ୍ରଧାନ୍‌ମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍ । ଇ ସମ୍ମିଳନୀଥି ଉଦ୍ୟୋଗୀଙ୍କର୍ ପ୍ରୋତ୍ସାହନ୍ ନିଯୁକ୍ତି ଆର୍ ଦକ୍ଷତା ବିକାଶ୍ ଉପ୍‌ରେ ବିଶେଷ୍ କରି ଆଲୋଚନା ହେଇଥିଲା ।

ମୁଖ୍ୟମନ୍ତ୍ରୀ- ସମ୍ବଲପୁର     ଆର୍‌ଏନ୍‌ୟୁ /ସମ୍ବଲପୁର

ଭିନ୍ନକ୍ଷମ ଖାଲି ଗୁଟେ ଶାରୀରିକ ଅଭାବ୍ ନୁହେଁ, ଇଟା ଗୁଟେ ମାନସିକ ସ୍ଥିତି । ଭିନ୍ନକ୍ଷମ ମାନ୍‌କୁ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଦିବ୍ୟାଙ୍ଗର୍ ଠାନ୍ ଦେଇଛନ୍ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ସାମାଜିକ ସୁରକ୍ଷା ଆଉ ଭିନ୍ନକ୍ଷମ ସଶକ୍ତିକରଣ୍ ବିଭାଗ୍ ତର୍‌ଫୁ ଗଲା ସଞ୍ଜେ ସମ୍ବଲ୍‌ପୁର୍ ନ ହେଇଥିବା ଦିବ୍ୟାଙ୍ଗ ଆଉ ବରିଷ୍ଠ ନାଗରିକ୍‌ମାନ୍‌କୁ ଉପକରଣ୍ ପ୍ରଦାନ୍ ଆଉ ସାହାଜ୍ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇକରି ମୁଖ୍ୟମନ୍ତ୍ରୀ କହିଛନ୍ ଯେ, ଭିନ୍ନକ୍ଷମମାନ୍‌କର୍ ଉନ୍ନତି ଲାଗି ରାଜ୍ୟ ସର୍‌କାର୍ ସବୁବେଲେ ଚେରେଷ୍ଟା କରୁଛନ୍ । ସେମାନ୍‌କୁ ସାମାଜିକ ସୁରକ୍ଷାଥି ସାମିଲ୍ କର୍‌ବାର୍‌କେ ସର୍‌କାର୍ ଜୋର୍ ଦଉଛନ୍ ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ଇ ଅବ୍‌ସରେ ୫ ଶହ ଦିବ୍ୟାଙ୍ଗଙ୍କୁ ମୁଖ୍ୟମନ୍ତ୍ରୀ ବେଟ୍‌ରୀଥି ଚାଲୁଥିବା ଇ-ରିକ୍ସା ଦେଇଥିଲେ । ଇତାର୍‌ସହେତେ ଅଲ୍‌ଗା ଉପକରଣ୍ ଭିଲ୍ ଦିଆଯାଇଛେ ।

ରାଜ୍ୟ ପୁଲିସ୍ ଡ୍ୟୁଟି ମିଟ୍       ଆର୍‌ଏନ୍‌ୟୁ /ସମ୍ବଲପୁର

କଟକ୍ ବକ୍ସି ବଜାର୍ ପଡ଼ିଆ ଠାନେ ଚାଲିଥିବା ୬୯ ନମ୍ବର୍ ରାଜ୍ୟ ପୁଲିସ୍ ଡ୍ୟୁଟି ମିଟ୍ ଆଏଜ୍ ଉଦ୍‌ଯାପିତ୍ ହେବା । ଉଦ୍‌ଯାପନୀ ଉତ୍ସବ୍‌ଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଯୋଗ୍ ଦେବାର୍

କାର୍ଯ୍ୟକ୍ରମ୍ ରହିଛେ । ଇନ ଜନେଇ ଦିଆଯାଇପାରେ ଯେ, ଗଲା ଶନିବାର୍ ଦିନୁ ମୁଲ୍ ହେଇଥିବା ଇ କାର୍ଯ୍ୟକ୍ରମ୍‌କେ ପୁଲିସ୍ ମହାନିର୍ଦ୍ଦେଶକ୍ ୱାଇ. ବି. ଖୁରାନିଆ ଉଦ୍‌ଘାଟନ୍ କରିଥିଲେ । ଇଥି ୩୭ ଟା ପୁଲିସ୍ ଜିଲ୍ଲାନୁ ପାଖାପାଖି ୩ ଶହ ୧୭ ଝନ୍ ପ୍ରତିଯୋଗୀ ଭାଗ୍ ନେଇଥିଲେ । କାର୍ଯ୍ୟକ୍ରମ୍‌ଥି ଫୁଟ୍‌ବଲ୍, ହକି, ଟୀରନ୍ଦାଜ୍ ବାଗିର୍ ୧୮ ଟା ବିଭାଗ୍‌ଥି ପ୍ରତିଯୋଗିତା ହେଇଥିଲା ।

ଜନଅଭିଯୋଗ୍ ଶୁଣାଣି ସିଏମ୍‌ଓ

ଭୁବ୍‌ନେଶ୍ୱର୍ ୟୁନିଟ୍ -୫ ନ ଥିବା ମୁଖ୍ୟମନ୍ତ୍ରୀଙ୍କର୍ ଅଭିଯୋଗ୍ ଶୁଣାଣି ପ୍ରକୋଷ୍ଠ ଠାନେ ଆଏଜ୍ ଅଭିଯୋଗ୍ ଶୁଣାଣି କାର୍ଯ୍ୟକ୍ରମ୍ ହେବା । ମୁଖ୍ୟମନ୍ତ୍ରୀଙ୍କୁ ଭେଟିକରି ଅଭିଯୋଗ୍ ଜନାବାର୍ ଲାଗି ଯେନ୍‌ମାନେ ଆଘୋନୁ ଅଭିଯୋଗ୍ କରିଥିଲେ ସେହିମାନ୍‌କର୍ ଲାଗି ଇ ଶୁଣାଣି ଅନୁଷ୍ଠିତ୍ ହେବା ବଲି ସାଧାରଣ ପ୍ରଶାସନ୍ ଆଉ ସାଧାରଣ ଅଭିଯୋଗ୍ ବିଭାଗ୍ ତର୍‌ଫୁ କୁହାଯାଇଛେ ।

ଓଡ଼ିଶା ଭିଜନ ଆର୍‌ଏନ୍‌ୟୁ /ସମ୍ବଲପୁର

ଓଡ଼ିଶା ଭିଜନ୍ ୨୦୩୬, ୨୦୪୭ ଅଭିଯାନ୍ ଲାଗି ଇ-ମେଲ୍, ୱାଟ୍‌ସ୍‌ଆପ୍ ସହେତେ ଓଡ଼ିଶା ଭିଜନ୍ ୱେବ୍‌ସାଇଟ୍

ଜରିଏ ଦେଶ୍ ଆର୍  ଦେଶ୍ ବାହାରୁ ପାଖାପାଖି ୩ ଲାଖ୍ ନୁ ଅଏତ୍କା ନାଗରିକଙ୍କର୍ ମତାମତ ମିଲିପାରିଛେ । ଇତାକେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ରାଜ୍ୟ ସର୍କାର୍ଙ୍କର୍ ଗୁଟେ ଗୁରୁତ୍ୱପୂର୍ଣ୍ଣ ମାଇଲ୍ଖୁଂଟ ବଲି କହେବାର୍ ସହେତେ ଇଥି ଭାଗ୍ ନେଇଥିବାର୍ ସମ୍କୁ କୃତଜ୍ଞତା ଜନେଇଛନ୍ । ମୁଖ୍ୟମନ୍ତ୍ରୀ କହିଛନ୍ ଯେ, ଦେଶେ ପହେଲାଥର୍ ଲାଗି ଓଡ଼ିଶା କୃତ୍ରିମ ବୁଦ୍ଧିମତା - ଏଆଇ ବେଭାର୍ କରିକରି ପରାମର୍ଶ ମାନ୍କୁ ସମୀକ୍ଷା ଆର୍ ବିଶ୍ଲେଷଣ୍ କର୍ବାର୍ଥି ସଫଲ୍ ହେଇଛେ । ଇଥି ୧୭ ଟା ଦିଗ୍କେ ନଜର୍ଥି ରଖିକରି ଓଡ଼ିଶାର୍ ସ୍ଥାୟୀ ବିକାଶ୍ ଲାଗି ନିହି ପକାବାର୍କେ ସର୍କାର୍ ପଦକ୍ଷେପ୍ ନେଉଛନ୍ ।

ବେଡ଼ମିଂଟନ୍ ଟୁର୍ଣ୍ଣାମେଂଟ୍        ଆର୍ଏନ୍ୟୁ / ସମ୍ବଲପୁର

କଟକ୍ ଜବାହାର୍ଲାଲ୍ ନେହେରୁ ଷ୍ଟାଡ଼ିୟମ୍ ଠାନେ ଗଲା ୧୦ ତାରିଖ୍ନୁ ମୁଲ୍ ହେଇଥିବା ଓଡ଼ିଶା ମାଷ୍ଟର୍ସ ୨୦୨୪ ଅନ୍ତର୍ଜାତୀୟ ବେଡ଼ମିଂଟନ୍ ଟୁର୍ଣ୍ଣାମେଂଟ୍ ଗଲାକାଏଲ୍ ଉଦ୍ଯାପିତ୍ ହେଇଯାଇଛେ । ଉତ୍ସବ୍ଥି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗ୍ ଦେଇକରି ବିଜେତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଇନ ଜନେଇ ଦିଆଯାଇପାରେ ଯେ, ଇ ଅନ୍ତର୍ଜାତୀୟ ମେଚ୍ ୩ ନମ୍ବର୍ ଥର

ଲାଗି କଟକ୍ ଠାନେ ଆୟୋଜିତ୍ ହେଇଥିଲା । ଇ ବଛର୍ ଇଥି ଭାରତ୍ ସହେତେ ଜାପାନ୍, ଇଣ୍ଡୋନେସିଆ, ଚୀନ୍, ଡେନ୍ମାର୍କ ବାଗିର୍ ୨୯ ଟା ଦେଶୁ ପାଖାପାଖି ୩ ଶହ ୫ନ୍ ଖେଳାଳି ଭାଗ୍ ନେଇଥିଲେ ।

ଛତିଶ୍‌ଗଡ୍ ନ ସ୍ୱରାଷ୍ଟ୍ରମନ୍ତ୍ରୀ ଆର୍‌ଏନ୍‌ୟୁ / ସମ୍ବଲପୁର

ଅସ୍ତ୍ର ଛାଡ଼ିକରି ସମାଜ୍‌ର ମୁଖିଆ ସ୍ରୋତ ନ ସାମିଲ୍ ହେଇଥିବା ଓଡ଼ିଶା, ଛତିଶ୍‌ଗଡ୍, ମହାରାଷ୍ଟ୍ର, ତେଲେଙ୍ଗାନା ଆର୍ ଆସାମ୍‌ର ଲୋକ୍‌ମାନ୍‌କୁ ଛତିଶ୍‌ଗଡ୍‌ର ଜଗ୍‌ଦଲ୍‌ପୁର୍‌ଠାନେ ଗଲାକାଏଲ୍ ସ୍ୱରାଷ୍ଟ୍ର ଆଉ ସମବାୟ ମନ୍ତ୍ରୀ ଅମିତ୍ ଶାହା ଭେଟିଛନ୍ । ହିଂସାଥି ମାତିଥିବା ଯୁଆନ୍ ମାନ୍‌କୁ ସମାଜ୍‌ର ମୁଖ୍ୟଧାରାକେ ଫିରି ଆଏବାର୍‌କେ ସ୍ୱରାଷ୍ଟ୍ରମନ୍ତ୍ରୀ ନିବେଦନ୍ କରିଛନ୍ । ସେ କହିଛନ୍ ଯେ, ନକ୍ସଲ୍ ପ୍ରଭାବିତ୍ ଇଲାକା ନ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ୧୫ ହଜାର୍‌ନୁ ଅଏତ୍‌କା ଘର୍ ବନାବାର୍ ପ୍ରସ୍ତାବ୍ ମଞ୍ଜୁର୍ କରିଛନ୍ । ଯେନ୍‌ମାନେ ହିଂସାଥି ମାତୁଛନ୍ ସେମାନ୍‌କୁ ମାର୍‌ବାର୍‌ଟା ଠିକ୍ ନୁହେଁ, ଅସ୍ତ୍ର ଛଡ଼େଇକରି ମୁଖ୍ୟଧାରାକେ ଆନ୍‌ବାର୍‌ଟା ହିଁ ଠିକ୍ ବାଟ୍ ଆଏ ବଲି ମନ୍ତ୍ରୀ ଅମିତ୍ ଶାହା କହିଛନ୍ ।

ଶ୍ରୀମନ୍ଦିର- ପହିଲି ଭୋଗ ନୀତି                ପୁରୀ ସମ୍ବାଦଦାତା

ଆଏଜ୍ ହେଉଛେ ପବିତ୍ର ଧନୁ ସଂକ୍ରାନ୍ତି । ଇ ଉଧେ ପୁରୀ ଶ୍ରୀମନ୍ଦିର୍ ନ ମାହାପୁରୁଙ୍କର୍ ପହିଲି ଭୋଗ ନୀତି ମୁଲ୍ ହେଇଛେ । ଇ ବଛର୍ ପହିଲି ଭୋଗ୍ ନୀତି ଲାଗି ଶ୍ରୀମନ୍ଦିର୍ ପ୍ରଶାସନ୍ ତର୍ଫୁ ଆଘୋନୁ ଧାରିଜ୍ ହେଇଥିବା ନୀତି ନିର୍ଘଂଟ ହିସାବେ ଆଏଜ୍ ଡେରି ରାତି ୨  ବାଜିକରି ୫୫ ମିନିଟ୍‌ଥି ଦୁଆର ଫିଟା ହେଇଥିଲା । ସେନ୍ତା ସାଢ଼େ ୩ ବଜେ ମଙ୍ଗଲ୍ ଆଲ୍‌ତୀ ଇତାର୍ ଉତ୍‌ରୁ ମଇଲମ ଆର୍ ୪ ବାଜିକରି ୪୫ ମିନିଟ୍‌ଥି ଅବକାଶ ପୂଜା ଉତାରୁ ସାଢ଼େ ୫ ବାଜିକରି ୫୫ ମିନିଟ୍‌ଥି ବେଶ ଶେଷ ହେଇଛେ । ତାର୍ ଉତ୍‌ରୁ ପହିଲି ଭୋଗ କରାଯାଇଛେ । ଇ ପହିଲି ଭୋଗ୍‌ର ମହତ୍ୱ ଅଲ୍‌ଗା ସମିଆନୁ ମିଲୁଥିବା ଭୋଗ୍ ଠାନୁ ଖାସ୍ ଆଏ ।

ରାଏଜେ ଶୀତ୍ ଜାରି                ଆର୍‌ଏନ୍‌ୟୁ /ସମ୍ବଲପୁର

ରାଏଜେ ଶୀତ୍ ଜାରି ରହିଛେ । ଆଏଜ୍ ପାଗ୍ ଶୁଖା ରହେବା ସଙ୍ଗେ ଆଘର୍ ବାଗିର୍ ଜବର୍ ଥଣ୍ଡା ଲାଗି ରହେବା ।

କଲାହାଣ୍ଡି, ବଲାଙ୍ଗିର୍, ସୁନ୍ଦର୍‌ଗଡ୍ ଆର୍ କନ୍ଧମାଲ୍ ଜିଲ୍ଲାର୍ ଗୁଟେ କି ଦୁଇଟା ଠାନେ ଆଏଜ୍ କମ୍ ନୁ ଟିକେ ବହଲିଆ କୁହୁଡ଼ି ଦେଖାଯିବା । ଝାର୍‌ସୁଗୁଡ଼ା ଆର୍ ସୁନ୍ଦର୍‌ଗଡ୍ ଜିଲ୍ଲାର ଗୁଟେ/ ଦୁଇଟା ଜାଗା ନ  ଜବର୍ ଥଣ୍ଡା ପଡ୍‌ବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ପୁ ଅନୁମାନ୍ କରାଯାଇଛେ ।

ସେଆଡ଼େ ଗଲାକାଏଲ୍ ରାଜ୍ୟର୍ ୨୯ ଟା ଜାଗା ନ ସବୁନୁ କମ୍ ତାତି ୧୫ ଡିଗ୍ରୀ ସେଲ୍‌ସିଅସ୍‌ନୁ କମ୍  ରହିଥିବାର୍ ବେଲେ ଝାର୍‌ସୁଗୁଡ଼ା  ଆର୍ ରାଉର୍‌କେଲା ନ ରାଜ୍ୟର୍ ସବୁନୁ କମ୍ ତାତି ୬ ଦଶ୍‌ମିକ୍ ୮ ଡିଗ୍ରୀ ସେଲ୍‌ସିଅସ୍ ରେକର୍ଡ଼ କରାଯାଇଛେ ।